## ହାଣ୍ଡି ଭିତରେ ନାଗ

ସୋର, (ଡି.ଏନ.ଏ.): ସୋର ବ୍ଲକ ସିଙ୍ଗାଖୁଣ୍ଟା ପଞ୍ଚାୟତ ବନ୍ଧସାହି ଗ୍ରାମର ଜାପାନ ସିଂଙ୍କ ଘର ଭିତରୁ ଏକ ସାଢେ ୩ଫୁଟ ଲମ୍ବର ନାଗ ଉଦ୍ଧାର କରାଯାଇ ଜଙ୍ଗଲରେ ଛାଡ଼ି ଦିଆଯାଇଛି। ବନବିଭାଗ କର୍ମଚାରୀଙ୍କୁ ବାରମ୍ବାର ଖବର ଦେବା ପରେ ସେମାନେ କେହି ନ ଆସିବାରୁ ସେହି ଗ୍ରାମର ସାଗର ସିଂ ଓ ଗୁରୁବା ସିଂ ସାହସର ସହିତ ଏହାକୁ ଉଦ୍ଧାର କରି ନିକଟସ୍ଥ ହଦ ଜଙ୍ଗଲରେ ଛାଡ଼ି ଦେଇଛନ୍ତି।

**ସଂକ୍ଷେପରେ**

## କାଠ ଜବତ କଲା ବନ ବିଭାଗ

**ପାଟଣା,୧୧।୯(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ରେଞ୍ଜ ମୁଖ୍ୟାଳୟ ବୈତରଣୀ ନଦୀ କୂଳରେ ଥିବା ଦୁର୍ଗାଦେଇ ପୁର ଗ୍ରାମ୍ୟ ଜଙ୍ଗଲରୁ ଗଛ କାଟି ଗ୍ରାମର ୧୩ ଜଣ ବ୍ୟକ୍ତି ଭାଗ କରିନେଉଥିବା ବେଳେ ଗୁରୁବାର ବନବିଭାଗ ଚଢ଼ାଉ କରି ଜବତ କରିଛି। ଯାହାର ଆନୁମାନିକ ମୂଲ୍ୟ ୩୦ହଜାର ଟଙ୍କାରୁ ଅଧିକ ହେବ ବୋଲି ରେଞ୍ଜର ପବିତ୍ର ମୋହନ ନାଏକ ସୂଚନା ଦେଇଛନ୍ତି। ଦୁର୍ଗାଦେଇପୁର ବୈତରଣୀ ନଦୀ କୂଳରେ ଥିବା ଗ୍ରାମ ଜଙ୍ଗଲରେ କିଛିବର୍ଷ ପୂର୍ବେ ସୋସିଆଲ ଫରେଷ୍ଟ ଡିପାର୍ଟମେଣ୍ଟ ତରଫରୁ ବନୀକରଣ କରାଯାଇଥିଲା। ଗଛଗୁଡ଼ିକୁ ଗଡ଼ କରି ୧୩ଜଣଙ୍କ ମଧରେ ଭାଗ ହେଉଥିବାବେଳେ ଅଭିଯୋଗ ପାଇ କେନ୍ଦୁଝର ଡିଏଫ୍‌ଓଙ୍କ ନିର୍ଦ୍ଦେଶକ୍ରମେ ରେଞ୍ଜର ପବିତ୍ର ମୋହନ ନାଏକ, ଫରେଷ୍ଟର ଜ୍ୟୋତ୍ସ୍ନା ରାଣୀ ବେହେରା ଓ ପାରା ଷ୍ଟାଫ୍ ପହଞ୍ଚି ୩ ଟ୍ରାକ୍ଟର କାଠକୁ ଜବତ କରି ପାଟଣା ରେଞ୍ଜ କାର୍ଯ୍ୟାଳୟକୁ ଆଣିଥିଲେ।

## ମାଛ ଧରିବାକୁ ଯାଇ ଯୁବକ ମୃତ

**ଭଦ୍ରକ ଅଫିସ, ୧୧।୯:** ଭଦ୍ରକ ପୌରାଞ୍ଚଳ ୩୦ନଂ ୱାର୍ଡର ସଇଦାବାଦ ନିକଟରେ ଥିବା ସାଳନ୍ଦୀ ନଦୀର ଏସ୍‌କେପରେ ମାଛ ଧରିବାକୁ ଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ସଇଦାବାଦ ଗ୍ରାମର ଜଲାଉଦିନ ଖାଁ ମାଛ ଧରିବାକୁ ଜାଲ ପକାଉ ଥିବା ବେଳେ କୌଣସି କାରଣରୁ ପାଣିଭିତରକୁ ପଶିଯାଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ। ହେଲେ ସେତେବେଳକୁ ଜଲାଉଦ୍ଦିନଙ୍କ ମୃତ୍ୟୁ ଘଟି ସାରିଥିଲା।

## କୋଭିଡ୍ ନିୟମର ଯାଞ୍ଚ କଲେ ନୂତନ ଏସ୍‌ଡିପିଓ

**ଭଦ୍ରକ ଅଫିସ, ୧୧।୯:** ଭଦ୍ରକ ସଦର ପାଇଁ ଗୁରୁବାର କାର୍ଯ୍ୟରେ ନୂତନ ଏସ୍‌ଡିପିଓ ସାର୍ଥକ ରାୟ ଯୋଗ ଦେଲେ। ଦାୟିତ୍ୱ ଗ୍ରହଣ କରିବା ପରେ ଭଦ୍ରକ ସହରର ବିଭିନ୍ନ ଦୋକାନରେ କୋଭିଡ୍ ଗାଇଡ ଲାଇନ କିଭଳି ପାଳନ କରାଯାଉଛି ସେନେଇ ଯାଞ୍ଚ କରିଥିଲେ। ଦୋକାନୀ ଓ ଗ୍ରାହକଙ୍କୁ କରୋନା କଟକଣା ନେଇ ସଚେତନ କରିବା ସହ କେତେକ ଅମାନିଆ ଦୋକାନୀଙ୍କ ଠାରୁ ଜରିମାନା ଆଦାୟ କରିଥିଲେ।

## ପଣ୍ଡିତ ଲକ୍ଷ୍ମୀଧର ରାଉତଙ୍କ ପରଲୋକ

**ବାରିପଦା ଅଫିସ,୧୧।୯:** ବାଣୀପୀଠର ଅଧକ୍ଷ ତଥା ବହୁପ୍ରତିଭା ସମ୍ପନ୍ନ ଅଧିକାରୀ ପଣ୍ଡିତ ଲକ୍ଷ୍ମୀଧର ରାଉତ(୮୧)ଙ୍କ ଶୁକ୍ରବାର ସକାଳେ କେନ୍ଦୁଡିହା ପଞ୍ଚାୟତ ହଳଦୀପଦା ଗ୍ରାମ ନିଜ ବାସଭବନରେ ପରଲୋକ ଘଟିଛି। ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ସ୍ୱର୍ଗତ ରାଉତ ଜାତୀୟ, ଆନ୍ତର୍ଜାତୀୟ ଓ ପ୍ରାଦେଶିକ ସ୍ତରରେ ନିଜର ଖ୍ୟାତି ଥିବା ବେଳେ କବି, ପ୍ରାବନ୍ଧିକ, ଉପନ୍ୟାସିକ, ନାଟ୍ୟକାର, ଗାଳ୍ପିକ ତଥା ଶିଶୁ ସାହିତ୍ୟରେ ଅଗ୍ରଣୀ ଭୂମିକା ଅର୍ଜନ କରିଛନ୍ତି। ସେହିପରି ଆନ୍ତର୍ଜାତିକ ସ୍ତରରେ ଆମେରିକାନ୍ ବାଇଓଗ୍ରାଫିକାଲ ଇନଷ୍ଟିଚ୍ୟୁଟ ତରଫରୁ ମ୍ୟାନ ଅଫ୍ ଦି ଇଅର-୧୯୯୮ରେ ସମ୍ମାନିତ ହୋଇଛନ୍ତି। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ତିନି ପୁତ୍ର, ପୁତ୍ରବୋଧୂ, ନାତୁଣି, ନାତି ଓ ପରିବାରବର୍ଗ ଉପସ୍ଥିତ ଥିଲେ।



ଅଧାରେ ଅଟକିଛି ପୋଲ ନିର୍ମାଣ କାର୍ଯ୍ୟ।

# ୮୪ ପରିବାରଙ୍କ ଭରସା କାଠପୋଲ

**କେନ୍ଦୁଝର, ୧୧।୯(ସ୍ୱ.ପ୍ର.)**

ସରକାରଙ୍କ ଅନୁଦାନରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ପରେ ବି ସମ୍ପୂର୍ଣ୍ଣ ହୋଇପାରୁନାହିଁ ବଗିରା ନଦୀର ପୋଲ ନିର୍ମାଣ କାର୍ଯ୍ୟ। ଫଳରେ ବିପଦପୂର୍ଣ୍ଣ ଅବସ୍ଥାରେ ଲୋକ ମାନେ ଏହି ପୋଲ ଉପରେ ଯାତାୟାତ କରୁଛନ୍ତି। ଏହି ଅସ୍ଥାୟୀ କାଠ ପୋଲ ଦେଇ ୮୪ ପରିବାରର ଏକ ହଜାରରୁ ଅଧିକ ଲୋକ ନିର୍ଭର କରୁଛନ୍ତି।

ଏହା ହେଉଛି କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ଟାଙ୍ଗିରିଆପାଳ ପଞ୍ଚାୟତର ଶୁଆକାଠି ଗ୍ରାମର ସମସ୍ୟା। ଗ୍ରାମ ନିକଟରେ ଥିବା ବଗିରା ନଦୀ ଉପରେ ପାଖାପାଖି ୨୭ଲକ୍ଷ ଟଙ୍କାର ବ୍ୟୟ ବରାଦରେ ପୋଲ ନିର୍ମାଣ କାମ ଆରମ୍ଭ ହୋଇଥିଲା। ତେବେ ଅସମ୍ପୂର୍ଣ୍ଣ କାମ ଯୋଗୁ ଏହି ପୋଲ କାମରେ ଲାଗୁନି। ଆପ୍ରୋଚ ରାସ୍ତା ନ ଥିବାରୁ ବିପଦପୂର୍ଣ୍ଣ ଅବସ୍ଥାରେ କାଠ ପୋଲରେ ଯିବା ଆସିବା କରୁଥିବା ସ୍ଥାନୀୟ ଲୋକ କହିଛନ୍ତି। ଗ୍ରାମର ଲୋକମାନେ ଦୀର୍ଘବର୍ଷ ଧରି ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ମଧ କେହି ଶୁଣୁନାହାନ୍ତି। ବର୍ଷା ଦିନରେ ଶୁଆକାଠି ଗ୍ରାମର ଲୋକମାନେ ଗୌଣିଘଷା, ଭଗାମୁଣ୍ଡା ଓ ଶଗଡପଟା ପଞ୍ଚାୟତ କାର୍ଯ୍ୟାଳୟ ଦେଇ ୩୦ କି.ମି. ଅତିକ୍ରମ କରି ଟାଙ୍ଗିରିଆପାଳ ପଞ୍ଚାୟତକୁ ବିଭିନ୍ନ କାର୍ଯ୍ୟରେ ଯାଇଥାନ୍ତି। ଗ୍ରାମର ୬୫୦ ଭୋଟରଙ୍କ ମଧ୍ୟରୁ ୧୬୦ଜଣ ୩୦କି.ମି. ଅତିକ୍ରମ କରି ଟାଙ୍ଗିରିଆପାଳ ପଞ୍ଚାୟତ ଉପରେ ନିର୍ଭର କରୁଥିବା ବେଳେ ୪୪ଜଣ ୫କି.ମି. ଅତିକ୍ରମ କରି ଗୌଣିଘଷା ଗ୍ରାମ ପଞ୍ଚାୟତରୁ ରାଶନ ସାମଗ୍ରୀ ସଂଗ୍ରହ କରିଥାନ୍ତି ଏବଂ ଅବଶିଷ୍ଟାଂଶ ଭୋଟର ୧୦କି.ମି. ଅତିକ୍ରମ କରି ରେବଣାପଳାଶପାଳ ପଞ୍ଚାୟତରୁ ରାଶନ ସାମଗ୍ରୀ ସଂଗ୍ରହ କରିଥାନ୍ତି। ପ୍ରତିବର୍ଷ ବର୍ଷାଋତୁରେ ଏହି ନଦୀରେ ଅଚାନକ ବଢ଼ି ବା ଜଳର ସ୍ରୋତ କାରଣରୁ ଲୋକଙ୍କ ଦ୍ୱାରା ନିର୍ମିତ କାଠ ପୋଲ ଭାଙ୍ଗିଯାଇଥାଏ। ଫଳରେ ଗୌଣିଘଷାଠାରୁ ଶୁଆକାଠି, ମସିଣାଯୋଡ଼ି, ବରେଇଗୋଡା, ବାଙ୍ଗୁରୁଶୁଣି, ରେବଣାପଳାଶପାଳ ଭଳି ବିଭିନ୍ନ ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଏ। ତେଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଉକ୍ତ ଅଧାପନ୍ତରିଆ ପୋଲକୁ ସମ୍ପୂର୍ଣ୍ଣ କରାଇବାକୁ ସାଧାରଣରେ ଦାବି ହୋଇଛି।

## ସ୍ୱାଭିମାନ କେନ୍ଦ୍ର ଉଦ୍‌ଘାଟିତ, ପ୍ରୌଢ଼ଶିକ୍ଷା ଆରମ୍ଭ

**ବାଲେଶ୍ୱର ଅଫିସ, ୧୧।୯**

ବାଲେଶ୍ୱର ରୋଟାରୀ କ୍ଲବ ତରଫରୁ ନିଜସ୍ୱ ପୋଷ୍ୟ ଗ୍ରାମ ଶ୍ରୀକୋଣାରେ ଆନ୍ତର୍ଜାତିକ ସ୍ୱାକ୍ଷରତା ଦିବସ ଅବସରରେ ଏକ ସ୍ୱାଭିମାନ କେନ୍ଦ୍ରକୁ ଆସନ୍ତାବର୍ଷର ରୋଟାରୀ ଗଭର୍ନର ଶାନ୍ତନୁ କୁମାର ପାଣି ଉଦ୍‌ଘାଟିତ କରିଛନ୍ତି। ଏହି କେନ୍ଦ୍ରରେ ବୟସ୍କ ତଥା ଅକ୍ଷର ଚିହ୍ନି ନ ଥିବା ବ୍ୟକ୍ତିବିଶେଷମାନଙ୍କୁ ପାଠ ପଢ଼ାଇବାର ସୁଯୋଗ ସୃଷ୍ଟି କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୫ଜଣ ଆଦିବାସୀ ପ୍ରୌଢ଼ଙ୍କୁ ସିଲଟ, ଖଡ଼ି ଓ ବହି ଯୋଗାଇ ଦିଆଯାଇ ବିଦ୍ୟାଦାନ କାର୍ଯ୍ୟ ଆରମ୍ଭ ହୋଇଥିଲା। ସ୍ଥାନୀୟ ଅଧିବାସୀମାନଙ୍କୁ ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଅନୁରୋଧ କରାଯିବା ସହ ଖାଦ୍ୟ ପ୍ୟାକେଟ୍ ବଣ୍ଟନ କରାଯାଇଥିଲା।

### କୃତୀ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ପ୍ରାଥମିକ ସ୍ତରର ୮ଜଣ କୃତୀ ସୁଧାଂଶୁ ମଲ୍ଲିକ, ଅମରେନ୍ଦ୍ର ଦାସ, ବିଧିକାରାଣୀ ପଟ୍ଟନାୟକ, ପଙ୍କଜିନୀ ପାତ୍ର, ରାଧାକୃଷ୍ଣ ମନ୍ତ୍ରୀ, କଳ୍ପନା ରାୟ, ଚାରୁଲତା ମହାପାତ୍ର, ସୁଜାତା ମିଶ୍ର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଆଉଟ୍ ଷ୍ଟାଣ୍ଡିଂ ଟିଚର୍ ଆୱାର୍ଡ଼ ସାର୍ଟିଫିକେଟ୍ ଏବଂ ଉତ୍ତରୀୟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ସଭାପତି ଭାବଗ୍ରାହୀ ମହାନ୍ତି ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ପରାମର୍ଶଦାତା ସୁବ୍ରତ କର, କ୍ଲବର ସମ୍ପାଦକ ପ୍ରଦୀପ୍ତ କୁମାର ପଣ୍ଡା, ଟିଚ୍ ପ୍ରକଳ୍ପର ଚେୟାରମ୍ୟାନ ନିକୁଞ୍ଜ କିଶୋର ମହାନ୍ତି, ଉପସଭାପତି ବିଷ୍ଣୁ ଦାସ କୁଣ୍ଡୁ, ସଭ୍ୟ ପଙ୍କଜ କୁମାର ଜେନା, ସୁମିତା ଚାନ୍ଦ, ବରିଷ୍ଠ ସଭ୍ୟ ଡା. ସୁଜୟ ଗିରି, ପଦାରବିନ୍ଦ ମହାପାତ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଅସମୟର ଦରଦୀବନ୍ଧୁ ଥିଲେ ବିଭୂତି

**ଖଇରା, ୧୧।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲାର ଅଗ୍ରଣୀ ଅନୁଷ୍ଠାନ ଖଇରା କଲେଜର ଅବସରପ୍ରାପ୍ତ ମୁଖ୍ୟ କିରାଣି ବିଭୂତି ଭୂଷଣ ନାୟକଙ୍କ ଉଦ୍ଦେଶ୍ୟରେ ଏକ ସର୍ବଦଳୀୟ ସ୍ମୃତିସଭା ଦୁର୍ଗାମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସନ୍ତୋଷ କୁମାର ଶତପଥୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଅଧ୍ୟାପକ ଯୁଗଳ କିଶୋର ଗାହାଣ, ବନମାଳୀ ବାରିକ, ଗୌରାଙ୍ଗ ପାଣି, ମାନସ ମହାପାତ୍ର, ଲକ୍ଷ୍ମୀଧର ପଣ୍ଡା, ରତ୍ନାକର ବିଶ୍ୱାଳ ପ୍ରମୁଖ ବକ୍ତା ଭାବେ ଯୋଗ ଦେଇଥିଲେ। ଅସମୟରେ ଦରଦୀ ବନ୍ଧୁ ଥିଲେ ବିଭୂତି ବୋଲି ବକ୍ତାମାନେ ମତ ଦେଇଥିଲେ।

## ପ୍ଲାଜ୍‌ମା ଦାନକଲେ ୯ ଯୁବକ

**ଭୋଗରାଇ, ୧୧।୯(ଡି.ଏନ.ଏ.)**

ମହାମାରୀ କରୋନା ଯୁଦ୍ଧରେ ଆମେ ବିଜୟୀ ହେବୁ। ଆମ ମନରେ ରହିଛି ଦୃଢ଼ ବିଶ୍ୱାସ। ପ୍ଲାଜମା ଦାନ କରି ଆମର ମାନବିକତା ଓ ମୂଲ୍ୟବୋଧକୁ ଗଢ଼ି ତୋଳି ଅନ୍ୟର ଜୀବନ ବଞ୍ଚାଇବୁ। ନିଜ ସ୍ୱାର୍ଥ ପାଇଁ କାର୍ଯ୍ୟ କଲେ ସ୍ୱାର୍ଥବାଦୀ ହେବୁ। ନିସ୍ୱାର୍ଥପର କାର୍ଯ୍ୟ କଲେ ମାନବବାଦୀ ହେବୁ। ଆବଶ୍ୟକ ପଡ଼ିଲେ ବାରମ୍ବାର ପ୍ଲାଜମା ଦାନ କରି ଅନ୍ୟର ଜୀବନ ବଞ୍ଚାଇ ନିଜକୁ ଗୌରବାନ୍ୱିତ କରିବୁ ବୋଲି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସମ୍ମିଳନୀ କକ୍ଷରେ ଗୁରୁବାର କରୋନା ବିଜୟୀ ୯ ପ୍ଲାଜମା ଦାନ କରିଥିବା କରୋନା ଯୋଦ୍ଧାମାନେ ମତପ୍ରକାଶ କରିଛନ୍ତି। କରୋନା ବିଜୟୀ ଯୋଦ୍ଧାମାନଙ୍କୁ ଭୋଗରାଇ ବିଧାୟକ ତଥା ଜିଲା ଯୋଜନା ବୋର୍ଡ଼ର ଅଧକ୍ଷ ଅନନ୍ତ ଦାସ ସମ୍ବର୍ଦ୍ଧିତ କରିବା ଅବସରରେ

### ‘ଆମେ ବଞ୍ଚିବା, ଅନ୍ୟକୁ ବଞ୍ଚାଇବା’

ଭୋଗରାଇର ୯ ଯୁବକ ପ୍ଲାଜମା ଦାନ କରି ଉଦାହରଣ ସୃଷ୍ଟି କରିଛନ୍ତି ବୋଲି ପ୍ରକାଶ କରି ପ୍ଲାଜମା ଦାନ କରିବା ପାଇଁ ଅନ୍ୟମାନଙ୍କୁ ନିବେଦନ କରିଥିଲେ। ଭୋଗରାଇ ବିଡିଓ ସତ୍ୟଜିତ୍ ରାଉତ, ବ୍ଲକ ଚେୟାରମ୍ୟାନ୍ ମଞ୍ଜୁରାଣୀ ବେହେରା, ଭାଇସ୍ ଚେୟାରମ୍ୟାନ୍ ଦୀପକ କୁମାର ଦାସ, ବିଜେଡି ସଭାପତି ରମାକାନ୍ତ କରଣ ପ୍ରମୁଖ ଉପସ୍ଥିତ ଥିଲେ। କରୋନା ବିଜୟୀ ୯ ପ୍ଲାଜମାଦାତାଙ୍କୁ ତାଙ୍କ ମହତପଣିଆ ପାଇଁ ସାଧାରଣରେ ପ୍ରଶଂସା କରାଯାଇଥିଲା। ପ୍ଲାଜମା ଦାନ କରିଥିବା ୯ କୋଭିଡ଼ ଯୋଦ୍ଧା ହେଲେ ଅନୀଲ କୁମାର ପ୍ରଧାନ, ତାପସ ଦାସ ମହାପାତ୍ର, ସୁଜିତ ପ୍ରମାଣିକ, ସଞ୍ଜୟ ଗିରି, ବ୍ରହ୍ମପଦ ମହାନ୍ତି ପ୍ରମୁଖ।

## ପ୍ଲାଜ୍‌ମା ଦାନ କରିବେ ଭଦ୍ରକରୁ ୩

**ଭଦ୍ରକ ଅଫିସ, ୧୧।୯**

ଭଦ୍ରକର ୩ ଜଣ ଶୁକ୍ରବାର ପ୍ଲାଜମା ଦାନ କରିଛନ୍ତି। ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଏହି ୩ ଜଣଙ୍କୁ ପୁଷ୍ପଗୁଚ୍ଛ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସେମାନଙ୍କୁ ସାଧୁବାଦ ଜଣାଇଛନ୍ତି। ସେମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶିକା ମନୋରମା ଭୂୟାଁ ଉପସ୍ଥିତ ରହି ସ୍ୱାଗତ କରିଥିଲେ। ପ୍ଲାଜମା ଦାନ କରୁଥିବା ଯୁବକ ମାନେ ହେଲେ ନଙ୍ଗାମହଲା ଅଞ୍ଚଳର ଶେଖ୍ ଅବଦୁଲ ହମିଦ୍, ଚାରିଘରିଆ ଅଞ୍ଚଳର ଅକ୍ଷୟ କୁମାର ପୃଷ୍ଟି ଓ ଅନ୍ୟ ଜଣକ ହେଲେ ପୁରୁଣାବଜାର ଅଞ୍ଚଳର ସତ୍ୟଦୀପ ସାହୁ। ସୂଚନା ଥାଉକି ପୂର୍ବରୁ ଭଦ୍ରକର ୪ ଜଣ ପ୍ଲାଜମା ଦାନ କରିସାରିଛନ୍ତି।

## ଭ୍ରାତୃଭାବ ବଜାୟ ରଖିବାକୁ ଆହ୍ୱାନ

**ବାଲେଶ୍ୱର ଅଫିସ,୧୧।୯**

ବାଲେଶ୍ୱର ଜିଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶହୀଦ ବାଘାଯତୀନଙ୍କ ୧୦୫ତମ ବଳିଦାନ ଦିବସ ପାଳନ ହୋଇଯାଇଛି। ବାଘାଯତୀନ ସୋସିଆଲ ୱାର୍କ ଗ୍ରୁପ୍, ଗଣ ସାଂସ୍କୃତିକ ମଞ୍ଚ, ‘ଚନ୍ଦ୍ରଭାଗା’ ପକ୍ଷରୁ ବଳିଦାନ ଦିବସ ଉପରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଟୁଆଁପଦାସ୍ଥିତ ଉଠାଜଳସେଚନ କର୍ମଚାରୀ ଭବନରେ ‘ଚନ୍ଦ୍ରଭାଗା’ ତରଫରୁ ଏହି ବଳିଦାନ ଦିବସ ପାଳନ କରାଯାଇଥିଲା। ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ଜିଲା ସଭାପତି ଧୀରେନ୍ଦ୍ର ନାରାୟଣ ଦାସ ସଭାରେ ଅଧକ୍ଷତା କରିଥିଲେ। ଅନୁଷ୍ଠାନ ପ୍ରତିଷ୍ଠାତା କବି ଶ୍ରୀଦେବ ପ୍ରାରମ୍ଭିକ ସୂଚନା ଦେଇ ର ମହାନ୍ ଦେଶପ୍ରେମୀ ବାଘାଯତୀନ୍ ଓ ତାଙ୍କ ସହଯୋଗୀ ସାଥୀମାନଙ୍କ ବଳିଦାନକୁ ପ୍ରଣାମ ଜଣାଇ ଥିଲେ। ମାସିକ



ବଳିଦାନ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି।

### ଶହୀଦ ବାଘାଯତୀନଙ୍କ ବଳିଦାନ ଦିବସ

‘ଅଳକାନନ୍ଦା’ର ସମ୍ପାଦକ ସାହିତ୍ୟିକ ବାଞ୍ଛାନିଧି ଦାସ, ‘ଅନ୍ନପୂର୍ଣ୍ଣା’ କଳାକାର କମଳଲୋଚନ ଦାଶ, ଆଇନଜୀବୀ ନିରଞ୍ଜନ ପରିଡ଼ା, ଇଂ. ଚିତ୍ତରଞ୍ଜନ ଦାଶ, ଏବଂ ସମାଜସେବୀ ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ବଳିଦାନ ଦିବସର ତାତ୍ପର୍ଯ୍ୟ ଓ ସାମ୍ପ୍ରତିକ ସ୍ଥିତିରେ ସମସ୍ତ ଦେଶବାସୀ ଭ୍ରାତୃଭାବ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜ୍ୟୋତିର୍ମୟୀ ଶତପଥୀ, ସତ୍ୟ ସାହୁ, ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଅବନୀ ଜେନା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶ୍ରମିକନେତା ଶ୍ୟାମସୁନ୍ଦର ଜେନା ଧନ୍ୟବାଦ ଦେଇଥିଲେ।

## ଖାଲରେ ପଡ଼ିଛି ପିଡିଏସ୍ ଚାଉଳ

**ବଡବିଲ, ୧୧।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଯୋଡା ବ୍ଲକ ସେରେଣ୍ଡା ଜଙ୍ଗଲର ଏକ ଖାଲରେ ୧୪ ବସ୍ତା ପିଡିଏସ ଚାଉଳ ପଡିଥିବା ଦେଖିବାକୁ ମିଳିଛି। ତେବେ କିଏ ଓ କାହିଁକି ସେଠାରେ ଚାଉଳ ପକାଇଛନ୍ତି ତାହା ଜଣାପଡିନାହିଁ। ଏକ ଖାଲରେ ଏହି ପିଡିଏସ ଚାଉଳ ପଡିଥିବା ଦେଖିବାକୁ ମିଳିଥିଲା। ଏନେଇ ସ୍ଥାନୀୟ ଲୋକେ ପଞ୍ଚାୟତ କାର୍ଯ୍ୟାଳୟରେ ସୂଚନା ଦେଇଥିଲେହେଁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ପିଡିଏସ୍ ବଣ୍ଟନରେ ଅନିୟମିତତା କରିବା ସହ ଦୀର୍ଘଦିନ ଚାଉଳ ରଖିବା ପରେ ଏହାକୁ କେହି ଫୋପାଡି ଦେଇଛନ୍ତି। ଏସମ୍ପର୍କରେ ବଡବିଲ ତହସିଲଦାର କ୍ଷୀରୋଦ କୁମାର ବେହେରାଙ୍କୁ ପଚାରିବାରୁ ଘଟଣାସ୍ଥଳ ପରିଦର୍ଶନ କରିଛି ଜଙ୍ଗଲର ଖାଲରେ ଚାଉଳ ପଡିଥିବା ଦେଖି ଏସିଏସଓଙ୍କୁ ଅବଗତ କରିଛି ବୋଲି ସେ କହିଛନ୍ତି।

## ଫାର୍ମ ଘର ଜଳିଗଲା

**ତିହିଡ଼ି,୧୧।୯(ସ୍ୱ.ପ୍ର.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ କୁବେରା ପଞ୍ଚାୟତ ପତିସାହିରେ ଏକ ଫାର୍ମରେ ଅଗ୍ନିକାଣ୍ଡ ଘଟିଛି। ରବୀନ୍ଦ୍ର ପତିଙ୍କର କୁକୁଡ଼ା ଓ ୫ଟି ଛେଳି ଜୀବନ୍ତ ଦଗ୍ଧ ହୋଇଛନ୍ତି। ଗୁରୁବାର ରାତିରେ ନିଆଁଲାଗି ଯାଇଥିଲା। ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ ଏଥିରେ ସବୁ କିଛି ପୋଡି ପାଉଁଶ ହୋଇଯାଇଥିଲା। ରାଜସ୍ୱ ଅଧିକାରୀ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଛନ୍ତି।

## ୧୪ରୁ ସତ୍ୟାଗ୍ରହ କରିବ ନବନିର୍ମାଣ କୃଷକ ସଙ୍ଗଠନ

**କେନ୍ଦୁଝର, ୧୧।୯(ଡି.ଏନ୍.ଏ./ସ୍ୱ.ପ୍ର.)**

କେନ୍ଦୁଝର ଜିଲା ସାହାରପଡା ସମବାୟ ସମିତି ଅଧୀନରେ ଗତ ୬ମାସ ତଳୁ ଧାନ ବିକ୍ରୟ କରି ପଇସା ପାଇ ନ ଥିବା ଚାଷୀମାନଙ୍କୁ ତୁରନ୍ତ ଅର୍ଥ ପ୍ରଦାନ ନ କଲେ ଆଗାମୀ ୧୪ ତାରିଖଠାରୁ ନବନିର୍ମାଣ କୃଷକ ସଂଗଠନ ତରଫରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ନବନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ଆବାହକ ଅକ୍ଷୟ କୁମାର ସୂଚନା ଦେଇଛନ୍ତି। ଏସମ୍ପର୍କରେ କେନ୍ଦୁଝର ସହିଦ ସଦନଠାରେ ଏକ ଖବରଦାତା ସମ୍ମିଳନୀରେ ଅକ୍ଷୟ କୁମାର ଏହା ପ୍ରକାଶ କରିଥିବାବେଳେ ଜିଲା ପ୍ରଶାସନର ଅବହେଳା ଓ ଅପାରଗତାକୁ ଏଥିପାଇଁ ଦାୟୀ କରିଛନ୍ତି। ସାହାରପଡା ସମବାୟ ସମିତିରେ ୬୮ଜଣ ଚାଷୀ ୬ମାସ ହେଲା ଧାନ ବିକ୍ରି କରି ଟଙ୍କାଟିଏ ପାଇନାହାନ୍ତି। ଏବାବଦରେ ସଂପୃକ୍ତ ଧାନ ବିକ୍ରୟକାରୀ ଚାଷୀମାନେ ସମବାୟ ସମିତି, ଜିଲା ପ୍ରଶାସନକୁ ବହୁ ବାର ଜଣାଇଥିଲେ ମଧ କୌଣସି ଫଳ ମିଳିନାହିଁ। କିନ୍ତୁ ଏହାକୁ ନେଇ ପ୍ରଶାସନ ଧାନ କ୍ରୟରେ ଅନିୟମିତା କରିଥିବା ଅଭିଯୁକ୍ତଙ୍କ ବିରୋଧରେ ପାଟଣା ଥାନାରେ ମାମଲା ରୁଜୁ କରିଥିଲେ। ପାଟଣା ପୋଲିସ ତଦନ୍ତ କରି ସାହାରପଡା ସମବାୟ ସମିତିର ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଭଳି ପରିସ୍ଥିତିରେ ସେମାନେ ଜେଲ୍‌ରୁ ଫେରିବା ପରେ ଯାଇ ଚାଷୀଙ୍କ ପାଉଣା ପ୍ରଦାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଉଥିବା ସଂଗଠନ ଅଭିଯୋଗ କରିଛି।

## ଜିଲା ଯାଦବ ମହାସଭାର କାର୍ଯ୍ୟକାରିଣୀ ବୈଠକ

**ରେମୁଣା, ୧୧।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଯାଦବ ମହାସଭାର କାର୍ଯ୍ୟକାରିଣୀ ବୈଠକ ଏକ ଘରୋଇ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଶିଷ୍ଟ ସମାଜସେବୀ ଜଗନ୍ନାଥ ଦାସ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ତାଙ୍କୁ ଯାଦବ ସମ୍ମାନରେ ସମ୍ମାନିତ କରାଯାଇଥିଲା।

ବୈଠକରେ ଜିଲା ଯାଦବ ମହାସଭାର କାର୍ଯ୍ୟକାରୀ ସଭାପତି ଅଶ୍ୱିନୀ କୁମାର ଦାସ ବୈଠକରେ ସଭାପତିତ୍ୱ କରିଥିଲେ।

### ସାଙ୍ଗଠନିକ ଓ ସାମାଜିକ ଅଭିବୃଦ୍ଧି ସୁଧାରିବା ପାଇଁ ଆଲୋଚନା

ଏଥିରେ ଜିଲା ଯାଦବ ମହାସଭାର ସାଙ୍ଗଠନିକ ଓ ସାମାଜିକ ଅଭିବୃଦ୍ଧି ସୁଧାରିବା ପାଇଁ ମୁଖ୍ୟତଃ ଆଲୋଚନା କରାଯାଇଥିଲା। ଜିଲାର ସମସ୍ତ ବ୍ଲକ ଓ ପଞ୍ଚାୟତସ୍ତରରେ ଯାଦବ କର୍ମୀମାନଙ୍କୁ ଯୋଗାଯୋଗ କରି ଆଗାମୀ ନଭେମ୍ବରରେ ଜିଲା ସମ୍ମିଳନୀ ଅନୁଷ୍ଠିତ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ୧୦ଜଣିଆ କମିଟି ଗଠନ ହୋଇଛି। ବୈଠକରେ ବରିଷ୍ଠ ସଦସ୍ୟ ଆଇନଜୀବୀ ପଞ୍ଚାନନ ପରିଡ଼ା, ସାଧାରଣ ସମ୍ପାଦକ ସୁଶୋଭନ ବାରିକ, ଯୁବ ସଭାପତି ନିଶିତ ବାରିକ, ଯୁବ ସମ୍ପାଦକ ବିପ୍ଳବ କେଶରୀ ଯାଦବ, ଜଳେଶ୍ୱର ସଭାପତି ସନ୍ତୋଷ କୁମାର ଦାସ, ମୁକେଶ ପଲେଇ, ଝାଡ଼େଶ୍ୱର କବି, ଶଶିକାନ୍ତ ବାରିକ, ଅଞ୍ଜନ ବାରିକ, ରବୀନ୍ଦ୍ର ମହାକୁଡ଼, ଜୀବନ ବାରିକ, ରାଧାକୃଷ୍ଣ ଦାସ, ପ୍ରମୋଦ କୁମାର ଖିଲାର ଏବଂ ଟାଉନ ଯାଦବ ସଭାପତି ମନୋଜ ଦାସ ଉପସ୍ଥିତ ଥିଲେ।




କାର୍ଯ୍ୟକାରିଣୀ ବୈଠକରେ ଯାଦବ ମହାସଭାର କର୍ମକର୍ତ୍ତା।

## ଭାଜପା ଜିଲା ଯୁବମୋର୍ଚ୍ଚା ପକ୍ଷରୁ ପ୍ରତିବାଦ

**ବାଲେଶ୍ୱର ଅଫିସ,୧୧।୯**

ଓଡ଼ିଆ ବିଶ୍ୱବିଦ୍ୟାଳୟ ଆଇନ୍ ସଂଶୋଧନ ଅଧିନିୟମ-୧୯୮୯ ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟ ଆଇନ୍ ୨୦୦୫ ପରିବର୍ତ୍ତନ ବିରୋଧରେ ଭାଜପା ଜିଲା ଯୁବମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଇଛି।

ଓଡ଼ିଆ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅମଲାତନ୍ତ୍ରୀ କରଣ, ରାଜନୀତିକରଣ ଓ ଶିକ୍ଷାର ମାନଦଣ୍ଡକୁ ହ୍ରାସ କରିବାର ଚକ୍ରାନ୍ତକୁ ବିରୋଧ କରାଯାଇଛି। ଏହି ଅଧିନିୟମରେ ପ୍ରାଧ୍ୟାପକଙ୍କର ନିଯୁକ୍ତିରେ ବ୍ୟାପକ ଅନିୟମିତତା ଓ ରାଜନୈତିକ ହସ୍ତକ୍ଷେପ ରହିବାର ସୁଯୋଗ ଥିବା ସହ କୁଳପତିଙ୍କ ପଦ ମର୍ଯ୍ୟାଦା ଓ କ୍ଷମତା ସଙ୍କୁଚିତ ହେବ। ପ୍ରସ୍ତାବିତ ଲେଜିସଲେଚରରୁ ବିଶ୍ୱବିଦ୍ୟାଳୟକୁ ବାଦ୍ ଦିଆଯାଇଛି। ଏହାଦ୍ୱାରା ମେଧା ଓଡ଼ିଆ ବିଦ୍ୟାର୍ଥୀଙ୍କର ଶିକ୍ଷା ବ୍ୟବସ୍ଥା ଓ ଗବେଷଣାରେ ମାନହ୍ରାସ ପାଇବା ସହ ଅଯଥା ରାଜନୈତିକ ଚାପ ବୃଦ୍ଧି ପାଇବ।



ଫକୀରମୋହନ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ପ୍ରତିବାଦ।

ପାଠପଢ଼ା ଓଡ଼ିଶାର ମୂଳପୁଞ୍ଜି ଏଥିପାଇଁ ସାରାଦେଶ ତଥା ବିଶ୍ୱରେ ଓଡ଼ିଆ ମେଧାମାନଙ୍କର ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି। ଆଇନ୍ କାର୍ଯ୍ୟକାରୀ ହେଲେ ଗରିବ ମେଧା ଛାତ୍ରୀଛାତ୍ର ବିଶେଷ ଭାବେ ପ୍ରଭାବିତ ହେବେ। ଯଦି ବିଶ୍ୱବିଦ୍ୟାଳୟର ସ୍ୱାଧୀନତା ନ ରହେ ତେବେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମଧରେ କ'ଣ ପାର୍ଥକ୍ୟ ରହିବ। ଏହାଦ୍ୱାରା ସିନେଟ ବ୍ୟବସ୍ଥାର କ୍ଷମତା ଓ କାର୍ଯ୍ୟଗୁଡ଼ିକ ପ୍ରଭାବିତ ହେବ। ସରକାରଙ୍କ ଏଭଳି ନୀତି ବିରୋଧରେ ଭାଜପା ଜିଲା ଯୁବମୋର୍ଚ୍ଚା ସଭାପତି ସମର ଶଙ୍କର କାନୁନ୍‌ଗୋଙ୍କ ନେତୃତ୍ୱରେ ଯୁବମୋର୍ଚ୍ଚା ରାଜ୍ୟ ଉପସଭାପତି ଚନ୍ଦ୍ରଶେଖର ନନ୍ଦ, ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ପ୍ରବୀର ଦାସ, ଜିଲା ଯୁବମୋର୍ଚ୍ଚା ଉପସଭାପତି ରଣଜିତ୍ କୁମାର ପ୍ରଧାନ, ଜିଲା ଯୁବମୋର୍ଚ୍ଚା କୋଷାଧକ୍ଷ ମନ୍ମୟ ଦାସ, ମଣ୍ଡଳ ସଭାପତି ଅରବିନ୍ଦ ପାତ୍ର ପ୍ରମୁଖ ପ୍ରତିବାଦ ସଭାରେ ଅଂଶଗ୍ରହଣ କରିଥିଲେ। ସରକାର ଯଦି ଏହି ସଂଶୋଧିତ ଅଧିନିୟମ ବିରୋଧରେ ଦାବି ନ ମାନନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଅଧିକେ ବ୍ୟାପକ କରାଯିବ ବୋଲି ଯୁବମୋର୍ଚ୍ଚା ତରଫରୁ ସୂଚନା ଦିଆଯାଇଛି।

